ପ୍ରେସ ନୋଟ

## ଏଡସ୍ ନିୟନ୍ତ୍ରଣ ଓ ପ୍ରତିରୋଧ କମିଟି ବୈଠକ ଅନୁଷ୍ଠିତ ।

ଅନୁଗୋଳ,ତା.୬.୪ :- ଜିଲ୍ଲାରେ ଏଡସ୍ ରୋଗର ଭୟାବହତାକୁ ଦୃଷ୍ଟିରେ ରଖି ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଭାବେ କରିବା ନିମନ୍ତେ ଆଜି ପୂର୍ବାହ୍ନରେ ଏଡସ୍ ନିୟନ୍ତ୍ରଣ ଓ ପ୍ରତିରୋଧ କମିଟି ଓ ମା ଠାରୁ ଛୁଆଙ୍କୁ ଏଚ୍ ଆଇ ଭି ସଂକ୍ରମଣର ପ୍ରତିରୋଧ କମିଟି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ଏଡସର ନିୟନ୍ତ୍ରଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ଏଡସ୍ ନିୟନ୍ତ୍ରଣ ଓ ପ୍ରତିରୋଧ କମିଟିକୁ ଜିଲ୍ଲା ଖଣିଜ ପାଣ୍ଠିରୁ ଏକ କୁଲର ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିଲା । ଗର୍ଭବତୀ ମହିଳାମାନେ ୩ ମାସରେ ଥରେ ସେମାନଙ୍କର ଏଚ୍ ଆଇ ଭି ଓ ଯୌନବ୍ୟାଧି ପରିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ମହିଳା ଯୌନକର୍ମୀ ଓ କିନ୍ନର ମାନଙ୍କୁ କଣ୍ଡୋମ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏ ଡି ପି ଏଚ୍ ଓ (ଯକ୍ଷ୍ମା) ଡା. ବିଶ୍ୱ ବିହାରୀ ମହାନ୍ତି , ଏ ଡି ପି ଏଚ୍ ଓ (ପରିବାର ମଙ୍ଗଳ) ଡ. ଦିଲ୍ଲିପ ପଟ୍ଟନାୟକୟ, ଡି ପି ଏମ୍ (ଏନ୍ ଏଚ୍ ଏମ୍) ଦିପକ ମହାନ୍ତିଙ୍କ ସମେତ ବିଭିନ୍ନ ଶିଳ୍ପ ସଂସ୍ଥା ଯଥା ଏମ୍ ସି ଏଲ୍,ନାଲ୍କୋ,ଜେ ଏସ୍ ପି ଏଲର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଜିଲ୍ଲା ଏଡସ୍ ନିୟନ୍ତ୍ରଣ ଓ ପ୍ରତିରୋଧ କମିଟିର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରିଣୀ ଡ. ପ୍ରମିଳା ହୋତା ଜିଲ୍ଲାରେ ଏଡସର ସ୍ଥିତି ଓ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ଉପରେ ଅବଗତ କରାଇଥିଲେ । ଜିଲ୍ଲାରେ ୨୦୦୩ ମସିହାରୁ ଆଜି ପର୍ଯ୍ୟନ୍ତ ୭ଲକ୍ଷ ୮ ହଜାର ୭୧୦ ଜଣଙ୍କର କାଉନସେଲିଂ ହୋଇଥିବାବେଳେ ୬ ଲକ୍ଷ ୫୨ ହଜାର ୧୪୫ ଜଣଂକର ଏଚ୍ ଆଇ ଭି ପରିକ୍ଷା କରାଯାଇଥିଲା । ଏଥି ମଧ୍ୟରୁ ସମୁଦାୟ ୨୨୧୫ ଜଣଂକର ପଜିଟିଭ ବାହାରିଛି । ସେଥିମଧ୍ୟରୁ ୧୩୫୨ ଜଣ ପୁରୁଷ ,୬୫୯ ଜଣ ମହିଳା ଓ ୧୬୪ ଜଣ ଶିଶୁ ଅଛନ୍ତି । ଶେଷରେ ଏ ଆ ର ଟି ସେଣ୍ଟରର ବରିଷ୍ଠ ମେଡିକାଲ ଅଫିସର ଡା. ସାଶ୍ୱତ ସାଗର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


ANGUL